ଏପିସୋଡ ୨୮

ଜଳବାୟୁ ପରିବର୍ତ୍ତନ: ବ୍ଲୁପ୍ରିଣ୍ଟସ୍ ଏବଂ ଫାଉଣ୍ଟେନ୍‌ହେଡ୍

ମୂଳ ରଚନା: ମାନସ ପ୍ରତୀମ ଦାସ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ଏଆର୍ ହୋଷ୍ଟେସ୍ ୨୨ ବର୍ଷ

ନୀରଜ ବ୍ୟବସାୟୀ, ୫୫ ବର୍ଷ

ଅଭିଜିତ ଇଞ୍ଜିନିଅର, ୨୭ ବର୍ଷ

ଗୋଟିଏ ଅନ୍ତଃରାଷ୍ଟ୍ରୀୟ ବିମାନ ଯାତ୍ରାର ଭିତରର ଦୃଶ୍ୟ। ଯାତ୍ରୀମାନେ ନିଜ ନିଜ ସିଟ୍ ଖୋଜି ବସୁଛନ୍ତି। କ୍ୟାବିନ କର୍ମଚାରୀ ସେମାନଙ୍କୁ ସାହାଯ୍ୟ କରୁଛନ୍ତି। ନୀରଜ ନାମକ ବ୍ୟବସାୟୀ ଆପାତକାଳୀନ ଦୁଆର ପାଖ ସିଟ୍ ରେ ବସୁଛନ୍ତି। ସେ ତାଙ୍କ ସିଟ୍‌ରେ ବସିବା ସମୟରେ ଏଆର୍ ହୋଷ୍ଟେସ୍ ପଚାରୁଛନ୍ତି)

ଏ.ହୋ.: ସାର୍, ଆପଣଙ୍କ ସିଟ୍ ଆପାତକାଳୀନ ଦୁଆର ପାଖରେ ।

ଆଶାକରୁଛି ଆପଣ ମୋ କଥା ବୁଝିପାରୁଥିବେ। ଯଦି ଆପଣଙ୍କୁ ଏ ସିଟ୍‌ରେ କିଛି ସମସ୍ୟା ଅଛି ତାହେଲେ ଆମେ ଆପଣଙ୍କ ସିଟ୍ ବଦଳାଇବା ପାଇଁ ଚେଷ୍ଟା କରିପାରିବ।

ନୀରଜ: ବହୁତ ଧନ୍ୟବାଦ। ଏ ସିଟ୍‌ରେ ମୋର କିଛି ସମସ୍ୟା ନାହିଁ। ପ୍ରକୃତରେ ମୁଁ ମୋ ଜୀବନରେ ଅନେକ ଆପାତକାଳୀନ ଅବସ୍ଥାର ସାମନା କରିଛି।

ଏ.ହୋ.: ଧନ୍ୟବାଦ ସାର୍। ଆମର ସବୁ ଯାତ୍ରୀ ବସିଗଲା ପରେ ମୁଁ ଆପାତକାଳୀନ ଦୁଆର ବିଷୟରେ ସମସ୍ତ ସୂଚନା ଘୋଷଣା କରିବି।

ନୀରଜ: ଆପଣ ଆପଣଙ୍କ କାମ କରନ୍ତୁ। ମୁଁ ପୂରା ଠିକ ଅଛି।

(ଅଭିଜିତ, ନୀରଜଙ୍କ ପାଖ ସିଟ୍‌ରେ ବସିଲେ)

ଅଭିଜିତ: (ବସୁ ବସୁ) ହଁ, ଏଇଟା ବହୁତ ଭଲ। ଆପାତକାଳୀନ ବିପଦ ବଦଳରେ ଏଠି ଗୋଡ଼ ଲମ୍ବାଇବା ପାଇଁ ବହୁତ ଜାଗା ଅଛି।

ନୀରଜ: ଠିକ କହିଲେ। ମୁଁ ସବୁବେଳେ ଏଇ ସିଟ୍ ହିଁ ପସନ୍ଦ କରେ।

ଅଭିଜିତ: ମୁଁ ବି। ମୁଁ ଅଭିଜିତ (ହାତ ମିଳାଇବା ପାଇଁ ବଢ଼ାଉଛନ୍ତି, ନୀରଜ ହାତ ମିଳାଉଛନ୍ତି)

ନୀରଜ: ମୁଁ ନୀରଜ। ଦୋହା ଯାଏଁ ଯାଉଛନ୍ତି ନା ଆଗକୁ?

ଅଭିଜିତ: ନା। ମୁଁ ସେଠୁ ନିଉୟର୍କ ଯିବା ପାଇଁ ଫ୍ଲାଇଟ ଧରିବି। ଆପଣ?

ନୀରଜ: ଏବେ ତ ଦୋହା। (ହସୁଛନ୍ତି)

ଅଭିଜିତ: ଯଦି ଆପଣ ଖରାପ ନ ଭାବନ୍ତି... ମୁଁ ଶୁଣିଲି ଯେ ଆପଣ ବହୁତ ଆପାତକାଳୀନ ପରିସ୍ଥିତି ସାମନା କରିଛନ୍ତି। ଜାଣିବାକୁ ମୁଁ ବହୁତ ଆଗ୍ରହୀ। ଆପଣ ଚାକିରି କ'ଣ ଆପଣଙ୍କୁ ଏଭଳି ପରିସ୍ଥିତିରେ ପକାଇଛି ନା ହଠାତ ଦେଖିଲେ ଯେ ଆପଣ କୌଣସୀ ଆପାତକାଳୀନ ପରିସ୍ଥିତିରେ ଅଛନ୍ତି।

ନୀରଜ:  ହା... ହା... ଯୁବକମାନେ ସବୁବେଳେ କୌତୁହଳୀ ଆଉ ଅଧୈର୍ଯ୍ୟ।

ଅଭିଜିତ: ଉଁ.. ଦୁଃଖିତ। ମୁଁ ଏଭଳି ଭାବରେ ପ୍ରଶ୍ନ କରିବା ଠିକ ନ ଥିଲା।

ନୀରଜ:  ଦୁଃଖିତ ହେବାର କିଛି ନାହିଁ ଅଭିଜିତ। ଆମର ଏ ଯାତ୍ରା ବହୁତ ଲମ୍ବା ଆଉ ଆମେ ବହୁତ ବିଷୟରେ ଆଲୋଚନା କରିପାରିବା।

ଏ.ହୋ. ଦୟାକରୀ ଆପଣଙ୍କ ସିଟ୍ ବେଲ୍ଟ ବାନ୍ଧିଦିଅନ୍ତୁ । ଆମର ଯାତ୍ରା ଆରମ୍ଭ ହେବା ଉପରେ।

(ସିଟ୍ ବେଲ୍ଟ ବାନ୍ଧିବା ସ୍ୱର, ଏ.ହୋ.ଙ୍କ ଘୋଷଣା)

ଘୋଷଣା:ମହାଶୟ, ମହାଶୟା। ନୂଆଦିଲ୍ଲୀଠାରୁ ଦୋହା ଯାଉଥିବା ଫ୍ଲାଇଟ ୮ବି୭୭୧ରେ ଆପଣମାନଙ୍କୁ ସ୍ୱାଗତ। ଉଡ଼ାଣ ନେବା ପାଇଁ ଆମେ ତୃତୀୟ ସ୍ଥାନରେ ରହିଛେ ଏବଂ ଆଶାକରାଯାଉଛି ଯେ ମାତ୍ର ଛଅ ମିନିଟ ଭିତରେ ଆମେ ଉଡ଼ାଣ ନେବା। ଦୟାକରୀ ନିଜ ନିଜର ସିଟ୍ ବେଲ୍ଟ ବାନ୍ଧିନିଅନ୍ତୁ। ନିଜ ଜିନିଷକୁ ସିଟ୍ ତଳେ ବା ଉପର କମ୍ପାର୍ଟମେଣ୍ଟରେ ସୁରକ୍ଷିତ ରଖନ୍ତୁ।

ନୀରଜ:  ଏଇ ଏଆରଲାଇନ୍ସ୍ ନିକଟରେ ବଦନାମ ହୋଇଥିଲା।

ଅଭିଜିତ: କାହିଁକି?

ନୀରଜ: ପ୍ରାୟ ସବୁବେଳେ ଅଧଘଣ୍ଟା ଡେରି ହେବା ଯୋଗୁ । କିନ୍ତୁ ଜଣାଯାଉଛି ଆଜି ଆମର ଭାଗ୍ୟ ଭଲ ଅଛି।

(ଇଞ୍ଜିନ ଚାଲୁ ହେବାର ଶବ୍ଦ)

ଅଭିଜିତ: ଓହୋ! ଆମେ ଏବେ ଉଡ଼ାଣ ଆରମ୍ଭ କଲେ।

ନୀରଜ: ତମ କଥାରୁ ଜଣାଯାଉଛି ଯେ ତମେ ବହୁତ ଖୁସି ଅଛ । ଭାବୁଛି ତମ ଆସନ୍ତା କାମରୁ ତମେ ବହୁତ କିଛି ପାଇବାର ଆଶା ତମର ଅଛି ବୋଧହୁଏ।

ଅଭିଜିତ: ଆପଣଙ୍କ ଅନୁମାନ ପୂରା ଠିକ। ମୁଁ ଗଣିତ ପଢ଼ିଛି, କିନ୍ତୁ ଆପଣ ତ ଚାକିରି ବଜାର କଥା ଜାଣିଛନ୍ତି, କେତେ କଷ୍ଟ, ତେଣୁ ମୁଁ ବାଧ୍ୟ ହୋଇ କମ୍ପ୍ୟୁଟର ବିଜ୍ଞାନରେ ଇଞ୍ଜିନିଅରିଂ କରିଛି । ଅନେକ ଚାକିରି କଲି ଆଉ ଛାଡ଼ିଲି, କିନ୍ତୁ କୋଉଟା ବି ସେତେ ଲାଭଦାୟକ ନ ଥିଲା । ପଇସା ଦୃଷ୍ଟିରୁ ନୁହେଁ କି ମୋ ମସ୍ତିଷ୍କକୁ କାମରେ ଲଗାଇବା ଦୃଷ୍ଟିରୁ ବି ନୁହେଁ। ଏତେ ବର୍ଷ ପରେ ଗୋଟିଏ ଚାକିରି ପାଇଛି , ଲାଗୁଛି ଟିକେ ଅଲଗା ହେବ ବୋଧେ।

ନୀରଜ: କୁହନ୍ତୁ, ମୋର ଆଗ୍ରହ ଆହୁରି ହେଉଛି।

ଅଭିଜିତ: ନିଉୟର୍କର ମୋ କମ୍ପାନୀ ଜଳବାୟୁ ଉପରେ ଗାଣିତିକ ମଡେଲ ପ୍ରସ୍ତୁତ କରେ। ଆପଣ ଜଳବାୟୁ ପରିବର୍ତ୍ତନ, ବିଶ୍ୱ ଉଷ୍ମାୟନ ଆଦି ଉପରେ ଜାଣିଛନ୍ତି । ଆମ କମ୍ପାନୀ ଅନେକ ଆମେରିକୀୟ ଜାତୀୟ

ସଂସ୍ଥା ସହ କାମ କରିଛି। ଏବେ ନୋଆର ଗୋଟିଏ ସଦସ୍ୟ ଅଛି।

ନୀରଜ: ନୋଆଙ୍କ ଚାପ! ବଢ଼ିଆ ତ। ତା ମାନେ ଆପଣ ପ୍ରାକଐତିହାସିକ ଯୁଗ ପାଇଁ ସଫ୍‌ଟୱେର ପ୍ରସ୍ତୁତ କରିବେ।

ଅଭିଜିତ: ମୁଁ ଭାବୁଛି ଲୋକମାନେ ନୋଆ ବିଷୟରେ ଜାଣିଥିବେ । ନୋଆ କହିଲେ ନ୍ୟାସନାଲ ଓସନିକ୍ ଆଣ୍ଡ ଆଟ୍‌ମସ୍‌ଫେରିକ ଆଡମିନିଷ୍ଟ୍ରେସନ୍। ଆମେରିକାର ବାଣିଜ୍ୟ ବିଭାଗ ଅନ୍ତର୍ଗତ ଏହା ଏକ ଆମେରିକୀୟ ବିଜ୍ଞାନୀ ସଂସ୍ଥା।

ନୀରଜ: ମହାସାଗର, ବାୟୁମଣ୍ଡଳ, ଗଣିତ, ବାଣିଜ୍ୟ... ବହୁତ ଜଟିଳ ମନେହେଉଛି। ମୁଁ ବାଣିଜ୍ୟ କିଛିଟା ବୁଝେ, ତା ପୁଣି ବ୍ୟାବହାରିକ ଦିଗ।

ଅଭିଜିତ: ଏବେ ମୋର ଅନୁମାନ କରିବା ପାଳି । ଆପଣ ଜଣେ ବ୍ୟବସାୟୀ?

ନୀରଜ: ନିଶ୍ଚିତ ଭାବରେ। ମୁଁ ଜଣେ ଯୋଗାଣକାରୀ ଏବଂ ଏଇ କାମରେ ମୁଁ ପୃଥିବୀର ବିଭିନ୍ନ ଦେଶକୁ ଯାଏ।

ଅଭିଜିତ: ଆପାତକାଳରେ ବି?

ନୀରଜ: ଓହୋ, ଆପଣ ଏ ଯାଏଁ ଭୁଲିନାହାନ୍ତି। ଆଚ୍ଛା ସେ କଥାର ମାନେ କ'ଣ ମୁଁ କହୁଛି।

ଅଭିଜିତ: ଆଜ୍ଞା ମୁଁ ଶୁଣୁଛି।

ନୀରଜ: ଆମେ ଅତି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଘର ତିଆରି ଜିନିଷ ପହଞ୍ଚାଇଥାଉ।

ଅଭିଜିତ: ଗୁରୁତ୍ୱପୂର୍ଣ୍ଣ ମାନେ?

ନୀରଜ: ଗୁରୁତ୍ୱପୂର୍ଣ୍ଣ ମାନେ ଯେଉଁ ଦେଶରେ ସଶସ୍ତ୍ର ସଂଘର୍ଷ ଚାଲିଛି , ଯେଉଁ ଅଞ୍ଚଳରେ ବାରମ୍ବାର ବୋମା ବର୍ଷା ହେଉଛି ଏବଂ କୋଠାବାଡ଼ି ଧ୍ୱଂସ ହୋଇଯାଇଛି। ଏହିଭଳି ଯୁଦ୍ଧ ବନ୍ଦ ହେବା ପରେ ପୁନଃନିର୍ମାଣ ଆବଶ୍ୟକ ଏବଂ ଆମେ ଆମର ଜିନିଷ ସହ ସେଠି ପହଞ୍ଚିଯାଉ। ଏ ଅଞ୍ଚଳରେ କାମ କରିବା ବହୁତ ବିପଦପୂର୍ଣ୍ଣ...

ଅଭିଜିତ: କିନ୍ତୁ ଯୁଦ୍ଧ ବନ୍ଦ ହେବା ପରେ କ 'ଣ ବିପଦ କିଛି ଥାଏ? ଆପଣ ଏହାକୁ ବିପଦପୂର୍ଣ୍ଣ କାହିଁକି କହୁଛନ୍ତି?

ନୀରଜ: କିଛି ଲୋକ କାଗଜ ଉପରେ ଦସ୍ତଖତ କରିଦେଲେ ଯୁଦ୍ଧ ବନ୍ଦ ହୋଇଯାଏନାହିଁ। ଯୁଦ୍ଧ ଚାଲିଥାଏ... ତୀବ୍ରତା ବହୁତ କମ୍ ଥିଲେ ବି ଚାଲିଥାଏ। ତେଣୁ ଗୋଟିଏ ଶାନ୍ତ ଦିନରେ ବି ଯେକୌଣସି ସ୍ଥାନରେ ଗୁଳି ଖାଇ ମରିପାରନ୍ତି। ଏହାଛଡ଼ା ଅନେକ ଅଫୁଟା ମାଇନ୍ସ୍ ଏବଂ ବୋମା ବି ରହିଯାଏ।

ଅଭିଜିତ: ଏବେ ମୁଁ ଆପଣଙ୍କ କଥା ବୁଝିପାରିଲି । ଆପଣଙ୍କ ପରବର୍ତ୍ତୀ ବ୍ୟବସାୟ ସ୍ଥାନ କ'ଣ?

ନୀରଜ: ସିରିଆ।

ଅଭିଜିତ: ଆଶ୍ଚର୍ଯ୍ୟ କଥା !! ଆପଣ ସେଠି କେମିତି ବ୍ୟବସାୟ କରନ୍ତି? ସେଠି ତ ଖାଲି ଛୋଟ ପଥର ଟୁକୁଡ଼ା। ସଭ୍ୟତାର କୌଣସି ଚିହ୍ନବର୍ଣ୍ଣ ନାହିଁ।

ନୀରଜ: ଯୁଦ୍ଧ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଚାଲିବନାହିଁ । ଏହା ଖୁବ୍ ଶୀଘ୍ର ବନ୍ଦ ହେବ। ସେତେବେଳେ ଆମେ ଲେବାନନ ବାଟ ଦେଇ ଆମର ବ୍ୟବସାୟ କରିବୁ।

ଅଭିଜିତ: ବହୁତ ବଢ଼ିଆ...

ନୀରଜ: ହଁ, ଆପଣଙ୍କୁ ଅନ୍ୟ ସାଧାରଣ ବ୍ୟବସାୟୀଙ୍କ ତୁଳନାରେ ଭଲ ହେବାକୁ ହେବ। କିନ୍ତୁ ଏସବୁ କଥା ଛାଡ଼। ଜଣେ ସଫ୍‌ଟୱେର ଇଞ୍ଜିନିଅର ଏବଂ ଜଳବାୟୁକୁ ନେଇ କାମ କରୁଥିବା ଲୋକର ଯୁଦ୍ଧକ୍ଷେତ୍ରରେ ବ୍ୟବସାୟ ବିଷୟରେ ଜାଣିବା କ'ଣ ଦରକାର?

ଅଭିଜିତ: ଦେଖିବାକୁ ଗଲେ କିଛିନାହିଁ... କିନ୍ତୁ ଏବେ ଆମେ ଜଳବାୟୁ ପରିବର୍ତ୍ତନକୁ ଯୁଦ୍ଧ ସହ ଯୋଡୁଛୁ...

ନୀରଜ: ସତରେ? (ସାମନାରେ ରଖାଯାଇଥିବା ଚକୋଲେଟରୁ କିଛି ଖାଉଛନ୍ତି) ମତେ ଏ ଚକୋଲେଟ ବହୁତ ଭଲ ଲାଗେ। କିନ୍ତୁ ଏବେ କୁହନ୍ତୁ ଯେ ଆପଣଙ୍କର ଜଳବାୟୁ ବିଷୟ ଯୁଦ୍ଧ ଆଉ ସଂଘର୍ଷ ସହ କିପରି ଯୋଡ଼ା?

ଅଭିଜିତ: ଏବେ ନିକଟରେ କିଛି ବୈଜ୍ଞାନିକ ବିଶ୍ୱ ଉଷ୍ମାୟନ ଏବଂ ବିଭିନ୍ନ ଦେଶରେ ଚାଲିଥିବା ସଂଘର୍ଷ ଭିତରେ ସମ୍ପର୍କ ଯୋଡ଼ିବାକୁ ଚେଷ୍ଟା କରୁଛନ୍ତି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ସିରିଆରେ ଚାଲିଥିବା ହିଂସା ଗଭୀର ଗବେଷଣା ପାଇଁ ଆକର୍ଷିତ କରୁଛି।

ନୀରଜ: ମତେ ତ ଆଶ୍ଚର୍ଯ୍ୟ ଲାଗୁଛି।

ଅଭିଜିତ: ପ୍ରଥମ ଥର ଶୁଣିଲେ ତ ଆଶ୍ଚର୍ଯ୍ୟ ନିଶ୍ଚୟ ଲାଗିବ।

(ଏହି ସମୟରେ ପଛ ସିଟ୍‌ରେ ଦୁଇଜଣଙ୍କ ଭିତରେ ପାଟିତୁଣ୍ଡ ଲାଗିବ । ଜଣେ କହୁଛନ୍ତି, ମୁଁ କହୁଛି ଏତେ ଥଣ୍ଡା ପବନ ମତେ ଭଲ ଲାଗେନାହିଁ, କିନ୍ତୁ ଆପଣ ଶୁଣୁନାହାନ୍ତି। ଅନ୍ୟ ଜଣକ, ସବୁ ପଙ୍ଖା ଚଲାଇବା ପାଇଁ ମୋର ପୂରା ସ୍ୱାଧୀନତା ରହିଛି। ଆପଣ କିଏ ମତେ ଅଟକାଇବା ପାଇଁ। ପ୍ରଥମ ଲୋକ, ଆପଣ ମତେ ଏମିତି ବରଫ କରିଦେଇ ପାରିବେନାହିଁ। ଏ.ହୋ ଝଗଡ଼ା ବନ୍ଦ କରିବା ପାଇଁ ଆସୁଛନ୍ତି ଏବଂ ଜୋରରେ ପାଟି କରୁଛନ୍ତି, ଦୟାକରୀ ଚୁପ ହୋଇଯାଆନ୍ତୁ।

ଅଭିଜିତ: ଦେଖିଲେ, ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ କେମିତି ସଂଘର୍ଷ ସୃଷ୍ଟି କରୁଛି, ଆଉ ଆମେ ତ ବିଶ୍ୱ ଗରମ ହେବା କଥା କହୁଛୁ।

ନୀରଜ: (ହସି ହସି) ହଁ, ଏଭଳି ଗୋଟିଏ ସିଧାସଳଖ ଉଦାହରଣ ମୁଁ କେମିତି ଜାଣିପାରିଲି ନାହିଁ। ମତେ ଯୁଦ୍ଧ ଆଉ ତାପମାତ୍ରା ବିଷୟରେ କୁହନ୍ତୁ, ମୋର ଆଗ୍ରହ ବହୁତ ଆସୁଛି।

ଅଭିଜିତ: ଆପଣ ନିଶ୍ଚୟ ୟୁଏନଡିପି ବିଷୟରେ ଶୁଣିଥିବେ।

ନୀରଜ: ୟୁ-ଏନ-ଡି-ପି? ନା ତ।

ଅଭିଜିତ: ପୂରା ହେଉଛି ୟୁନାଇଟେଡ ନ୍ୟାସନ୍ସ୍ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମ।

ନୀରଜ: ଆଚ୍ଛା, ସେମାନଙ୍କର କ'ଣ କହିବାର ଅଛି?

ଅଭିଜିତ: ଏହା ଜାତିସଂଘର ଗୋଟିଏ ଅଂଶ, ଗୋଟିଏ ଅନୁଷ୍ଠାନ। ଆରବ

ଅଞ୍ଚଳର ସଂଘର୍ଷ ଏବଂ ଜଳବାୟୁ ପରିବର୍ତ୍ତନ କେମିତି ଯୋଡ଼ା ସେ ବିଷୟରେ ଅନେକ କଥା କହୁଛି।

ନୀରଜ: ଯେମିତିକି...

ଅଭିଜିତ: କୃଷିଭିତ୍ତିକ ସଭ୍ୟତାର ଜନ୍ମସ୍ଥାନ ହେଉଛି ଆରବ ଏବଂ ହଜାର ହଜାର ବର୍ଷ ଧରି ଜଳବାୟୁର ବିପଦକୁ ସେ ସାମନା କରୁଛି। କିନ୍ତୁ ଏବେ ଜଳବାୟୁ ପରିବର୍ତ୍ତନ ଏବେ ଅତି ଦ୍ରୁତ ଗତିରେ ହେଉଛି। ସେଥିପାଇଁ ସରକାର ଏବଂ ସମାଜକୁ ସାମନା କରିବା ପାଇଁ ସେତିକି କଷ୍ଟ ହେଉଛି।

ନୀରଜ: ଆପଣ ତ ଜଣେ ବିଶ୍ୱବିଦ୍ୟାଳୟର ଶିକ୍ଷକ ପରି କଥା ହେଉଛନ୍ତି।

ଅଭିଜିତ: (ହସୁଛନ୍ତି) ପ୍ରତି ବିଷୟ ତାଙ୍କ ଅବଧାରଣାକୁ ନିଜ ବାଟରେ ଉପସ୍ଥାପନ କରିବା ଦରକାର। ଆମକୁ ଏପରି ପ୍ରମାଣ ମିଳୁଛି ଯେଉଁଥିରୁ ଜଣାଯାଉଛି ଯେ ଏହି ଅଞ୍ଚଳରେ ଜଳବାୟୁ ପରିର୍ତ୍ତନ ଯୋଗୁ ପଚିଶ ବର୍ଷ ଧରି ମରୁଡ଼ି ପଡ଼ିଛି। ଠିକ ଯେମିତି ପ୍ରାୟ ହଜାରେ ବର୍ଷ ତଳେ ଇତିହାସରେ ସଭ୍ୟତା ବଦଳିଥିଲା। ଏହି କାରଣରୁ ଅଞ୍ଚଳର କିଛି ଅଂଶ ଏମିତି ହୋଇଯିବ ଯେଉଁଠି ଲୋକ ରହିପାରିବେ ନାହିଁ।

ନୀରଜ: ଏମିତି ହେବା କଥା ନୁହେଁ। ଆମ ବେପାରର କ'ଣ ହେବ? ତମେ ତ ମତେ ଡରେଇ ଦେଉଛ...

ଅଭିଜିତ: ଟିକେ ରୁହନ୍ତୁ ସାର୍... ମରୁଡ଼ି ସିରିଆରେ ଗ୍ରାମୀଣ ଅଞ୍ଚଳରେ ଶତକଡ଼ା କୋଡ଼ିଏରୁ ଅଧିକ ପ୍ରାୟ ଦଶଲକ୍ଷ ଲୋକଙ୍କୁ ବିସ୍ଥାପିତ କରିଦେଇଛି। ସେମାନଙ୍କ ଜୀବିକାକୁ ମଧ୍ୟ କମେଇଦେଇଛି। ଆହୁରି

ଗୁରୁତ୍ୱପୂର୍ଣ୍ଣ ହେଉଛି ଏହାଦ୍ୱାରା ସାମାଜିକ ଭେଦଭାବ ବଢ଼ିଛି। ଏହିଭଳି ଜଳବାୟୁ ପ୍ରଭାବ ଇରାକ, ସୁଦାନ, ୟେମେନରେ ବି ଅସ୍ଥିରତା ସୃଷ୍ଟି କରିବାରେ ସହାୟତା କରିଛି।

ନୀରଜ: ତାହେଲେ ଆମକୁ ଏ ଦିଗରେ କିଛି କରିବାକୁ ହେବ।

ଅଭିଜିତ: ଆପଣଙ୍କୁ କିଏ କହିଲା ଯେ ଦୁନିଆ ହାତବାନ୍ଧି ବସିଛି ବୋଲି ... ଜଳବାୟୁ ପରିବର୍ତ୍ତନର ସାମନା କରିବା ପାଇଁ ଅନେକ କାର୍ଯ୍ୟକ୍ରମ ଚାଲିଛି। ତେବେ ଆପଣଙ୍କୁ ଆଉ କିଛି ଅଜଣା ଶବ୍ଦ ଶୁଣିବାକୁ ପଡ଼ିପାରେ। ଆପଣ ଆଇପିସିସି ବିଷୟରେ ଶୁଣିଛନ୍ତି?

ନୀରଜ: ହଁ ନିଶ୍ଚୟ ଶୁଣିଛି। ଏହାକୁ ନୋବେଲ ପୁରସ୍କାର ମିଳିଥିଲା। ମୋ ପୁଅ ପରୀକ୍ଷା ଆଗରୁ ଏ ବିଷୟରେ ପଢୁଥିଲା, ସେଥିପାଇଁ ମୋର ମନେ ରହିଛି।

ଅଭିଜିତ: ତାହେଲେ ମୋ କାମ ସହଜ ହେବ। ଜଳବାୟୁ ପରିବର୍ତ୍ତନ ପାଇଁ ୧୯୮୮ ମସିହାରେ ଆଇପିସିସି ବା ଆନ୍ତଃ ସରକାରୀ ପ୍ୟାନେଲ ସୃଷ୍ଟି କରାଯାଇଥିଲା। ଏହା ବିଶ୍ୱ ପାଣିପାଗ ସଂଗଠନ ଏବଂ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ବା ୟୁଏନଡିପି ଦ୍ୱାରା ସ୍ଥାପିତ ହୋଇଥିଲା। ଏହାର ଅଧ୍ୟାଦେଶ ଜଳବାୟୁ ପରିବର୍ତ୍ତନର ସବୁ ଦିଗ ଏବଂ ପ୍ରଭାବର ଆକଳନ କରିବା। ଏସବୁ ରଣନୀତି ପ୍ରସ୍ତୁତ କରିବା ପାଇଁ କରାଯାଏ...

ନୀରଜ: ଯଦି ମୋର କ୍ଷମତା ଥା'ନ୍ତା ତାହେଲେ ମୁଁ ସାଙ୍ଗେ ସାଙ୍ଗେ ତମର ପଦୋନ୍ନତି ପାଇଁ ସୁପାରିଶ କରିଦିଅନ୍ତି। ତମେ ତ ବହୁତ କଥା ଜାଣିଛ...

ଅଭିଜିତ: ଧନ୍ୟବାଦ ସାର୍... ଏହା ସ୍ଥାପିତ ହେବା ପରେ ଛଅଟି ମୂଲ୍ୟବାନ ରିପୋର୍ଟ ପ୍ରସ୍ତୁତ କରାଯାଇଛି । ଚତୁର୍ଥ ଆକଳନ ରିପୋର୍ଟ ଜଳବାୟୁ ପରିବର୍ତ୍ତନ ସହିତ ନିରନ୍ତର ବିକାଶ ନୀତି, ଏବଂ ପ୍ରଭାବ ହ୍ରାସ କରିବା ବା ଗ୍ରହଣ କରିବା ଭିତରେ ଥିବା ସମ୍ପର୍କ ସହ ମିଶାଇବା ଉପରେ ଅଧିକ ଜୋର ଦେଇଛି। ୨୦୦୭ ମସିହାରେ ଆଇପିସିସିକୁ ନୋବେଲ ପୁରସ୍କାର ମିଳିଥିଲା।

ନୀରଜ: ଓହୋ! ବଢ଼ିଆ କାମ। ଏତିକି ନା ଆଉ କିଛି ଅଛି...

ଅଭିଜିତ: ଏ ତ ଆରମ୍ଭ ମାତ୍ର ସାର୍...

(ଘୋଷଣା: ଦୟାକରୀ ସିଟ୍ ବେଲ୍ ଟ ବାନ୍ଧି ଦିଅନ୍ତୁ । ଏବେ ବିମାନ ଏଭଳି ଅଞ୍ଚଳ ଦେଇ ଯାଉଛି ଯେଉଁଥିରେ ବିମାନ ଦୋହଲି ଯାଉଛି। ଦୟାକରୀ ନିଜ ସିଟ୍‌କୁ ଫେରି ଆସି ବେଲ୍‌ଟ ବାନ୍ଧି ଦିଅନ୍ତୁ।

ନୀରଜ: ଓହ! ମୁଁ ୱାଶରୁମ୍ ଯିବି ବୋଲି ଭାବୁଥିଲି... ଛାଡ଼... ଆଚ୍ଛା କୁହ ତ ବିମାନ ଏଭଳି ଦୋହଲିବା କ'ଣ ତମ ଉଷ୍ମାୟନର ପ୍ରଭାବ?

ଅଭିଜିତ: ଏଭଳି ଦୋହଲିବା ତ ସାଧାରଣ କଥା। କିନ୍ତୁ ଆପଣ ଯେଉଁ କଥା କହୁଛନ୍ତି... ବିଶ୍ୱ ଉଷ୍ମାୟନର ପ୍ରଭାବ ଏଇ ଦୋହଲିବା ଉପରେ ପଡ଼ିପାରେ।

ନୀରଜ: ଆମେ ଏ ସବୁ ଜିନିଷକୁ ନିୟନ୍ତ୍ରଣ କରିପାରିବା ନାହିଁ ଅଭିଜିତ...

ଅଭିଜିତ: ଦେଖନ୍ତୁ... ଯଦି ବିଶ୍ୱ ଉଷ୍ମାୟନ ବଢ଼ିବାରେ ଆମର ହାତ ଅଛି , ତାହେଲେ ଏଥିରେ ହେଉଥିବା କ୍ଷତିକୁ ନିୟନ୍ତ୍ରଣ କରିବା ପାଇଁ ଆମେ ଆମ ତରଫରୁ ଚେଷ୍ଟା କରିବା ଦରକାର... ଆଉ ସବୁଠାରୁ ଭଲ ଉପାୟ ହେଉଛି

ଯେ ଆମେ ଅଙ୍ଗାରକାମ୍ଳ ଭଳି ସବୁ ସବୁଜକୋଠରୀ ବାଷ୍ପର ଉତ୍ପାଦନ କମେଇ ଦେବା।

ନୀରଜ: ଆପଣଙ୍କ ମତ ନିଶ୍ଚୟ ଭଲ।

ଅଭିଜିତ: ଇତିହାସ ଦେଖିଲେ ଜଣାଯାଏ ଯେ ପ୍ରଥମ ଜଳବାୟୁ ସମ୍ମିଳନୀ ୧୯୭୯ ମସିହାରେ ହୋଇଥିଲା। ସେ ସମୟରୁ ଜଳବାୟୁ ପରିବର୍ତ୍ତନକୁ ଏକ ବିଶ୍ୱସ୍ତରୀୟ ସମସ୍ୟା ଭାବରେ ଦେଖାଯାଉଛି ଏବଂ ସମ୍ଭାବିତ ବିପଦ ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେଥିପାଇଁ ବିଶ୍ୱ ପାଣିପାଗ ସଂଗଠନ ବା ଡବ୍ଲୁଏମଓ, ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ବା ୟୁଏନଡିପି ଏବଂ ଅନ୍ତଃରାଷ୍ଟ୍ରୀୟ ସଂଘ ପରିଷଦ ବା ଆଇସିଏସୟୁ ଦ୍ୱାରା ପରିଚାଳିତ ଏକ ବିଶ୍ୱ ଜଳବାୟୁ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ଏହି ପ୍ରଥମ ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତିକୁ ଅନେକ ଆନ୍ତଃସରକାରୀ ସମ୍ମିଳନୀରେ ଅନୁସରଣ କରାଯାଉଛି।

ନୀରଜ: ଆଚ୍ଛା!!

ଅଭିଜିତ: ବଦଳୁଥିବା ବାୟୁମଣ୍ଡଳ ଉପରେ ୧୯୮୮ ମସିହାରେ ଟରୋଣ୍ଟୋରେ ଏକ ସମ୍ମିଳନୀ ହୋଇଥିଲା। ଏଥିରେ ୪୬ଟି ଦେଶର ୩୪୦ରୁ ଅଧିକ ଅଂଶଗ୍ରହଣକାରୀ ଥିଲେ। ଏମାନେ ପରିବେଶର ସୁରକ୍ଷା ପାଇଁ ବ୍ୟାପକ ଭାବରେ ବିଶ୍ୱସ୍ତରୀୟ ସମ୍ମିଳନୀ ବିକଶିତ କରିବା ପାଇଁ ସୁପାରିଶ କରିଥିଲା।

ନୀରଜ: ତମେ କ'ଣ ସବୁଦିନ ସକାଳେ ବ୍ରାହ୍ମି ନିଅ...

ଅଭିଜିତ: ନାହିଁ ତ... ଆପଣ ଏମିତି କାହିଁକି ପଚାରିଲେ?

ନୀରଜ: ସବୁଦିନ ସକାଳେ ବ୍ରାହ୍ମି ଖାଇଲେ ସ୍ମରଣଶକ୍ତି ବହୁତ ବଢ଼େ । ଏ ୪୬ ଦେଶ... ୩୪୦ ଅଂଶଗ୍ରହଣକାରୀ... ଏତେ କଥା ତମର କେମିତି ମନେ ରହୁଛି?

ଅଭିଜିତ: ଥଟ୍ଟା କରୁଛନ୍ତି ସାର୍... ମୁଁ ଆପଣଙ୍କୁ ଆହୁରି କହୁଛି ...ମାଲ୍ଟା ନାମକ ଦେଶର ପ୍ରସ୍ତାବ ପରେ ଜାତିସଂଘର ସାଧାରଣ ପରିଷଦ ପ୍ରଥମ ଥର ପାଇଁ ଗୃହୀତ ପ୍ରସ୍ତାବ ୪୩/୫୩ ଉପରେ ଆଲୋଚନା କଲା।

ନୀରଜ: ଏବେ ମତେ ଟିକିଏ ୱାଶରୁମ ଯିବା ଦରକାର। ମୁଁ ଆସୁଛି... କ୍ଷମା କରିବ...

(ଜୋର ସଙ୍ଗୀତ, ଅଭିଜିତ ଆରାମରେ ବସିଛନ୍ତି)

ନୀରଜ: (ୱାଶରୁମରୁ ଫେରି) ଏବେ ମତେ ଆରାମ ଲାଗିଲା । ଏମାନେ ଆମକୁ କେତେବେଳେ ଖାଇବାକୁ ଦେବେ... ମତେ ତ ଭୋକ ଲାଗିଲାଣି...

ଅଭିଜିତ: ଖୁବ ଶୀଘ୍ର ଦେବେ...

ନୀରଜ: ସେଯାଏଁ ମତେ ତମେ ଆଉ କିଛି କୁହ...

ଅଭିଜିତ: ମୁଁ ଆପଣଙ୍କୁ ଆଇପିସିସି ବିଷୟରେ କହିଥିଲି । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଳବାୟୁ ପରିବର୍ତ୍ତନ ଉପରେ ଜାତିସଂଘର ମୂଳ ଆଧାର ବା ୟୁଏନଏଫସିସି। ଏହା ୧୯୯୧ ମସିହାରେ ପ୍ରବଳ ବିତର୍କ ସହ ଆରମ୍ଭ ହୋଇଥିଲା, କିନ୍ତୁ ସବୁ ଅଂଶଗ୍ରହଣକାରୀ ଦେଶମାନଙ୍କର ଦସ୍ତଖତ ପରେ ଏହା ୧୯୯୪ ମସିହାରେ କାର୍ଯ୍ୟକାରୀ ହେଲା।

ନୀରଜ:   ଦସ୍ତଖତ ତା ମାନେ ବହୁତ ଜରୁରୀ।

ଅଭିଜିତ: ଏତେ ଦେଶ, ସମସ୍ତଙ୍କର ନିଜର ଅଦ୍ଭୁତ ଆଗ୍ରହ ସବୁ ରହିଛି। କିନ୍ତୁ ବିଶ୍ୱସ୍ତରରେ କିଛି କରିବାକୁ ହେଲେ ସେମାନଙ୍କୁ ଏକାଠି କରିବାକୁ ହିଁ ହେବ।

ନୀରଜ:   ସମସ୍ତେ ଦସ୍ତଖତ କରିଥିଲେ?

ଅଭିଜିତ: ପଚାଶଟି ଦେଶ ଦସ୍ତଖତ କରିବା ପରେ ପ୍ରସ୍ତାବ କାର୍ଯ୍ୟକାରୀ ହେଲା। ସବୁ ଦଳ ଏକାଠି ହେବା ସମ୍ମିଳନୀର ଉଦ୍ଦେଶ୍ୟ ରହିଲା। ସେମାନଙ୍କୁ ସଂକ୍ଷେପରେ ସିଓପି କୁହାଗଲା। ଦଳର ପ୍ରଥମ ଅଧିବେଶନ ସିଓପି-୧, ୧୯୯୫ ମସିହାରେ ବର୍ଲିନଠାରେ ବସିଥିଲା। ଶିଳ୍ପପ୍ରଧାନ ଦେଶମାନଙ୍କଠାରୁ ଅଙ୍ଗୀକାରର ଗୋଟିଏ ଦଲିଲ ଆଗରୁ ପ୍ରସ୍ତୁତ ହୋଇଥିଲା। ଦଳ ଅନୁଭବ କଲା ଯେ ଅଙ୍ଗୀକାର ଯଥେଷ୍ଟ ନୁହେଁ, ସେଥିପାଇଁ ବର୍ଲିନ ଆଦେଶନାମା ଜାରି କଲା।

ନୀରଜ:   ଏବେ ବି ସିଓପି ଅଧିବେଶନ ଚାଲୁଛି?

ଅଭିଜିତ: ନିଶ୍ଚୟ! କିନ୍ତୁ ମୁଁ ଆପଣଙ୍କୁ ସିଓପି-୩ ବିଷୟରେ କହୁଛି। ଏହା ଜାପାନର କ୍ୟୋଟୋ ସହରରେ ହୋଇଥିଲା। ସିଓପି-୩ ଡିସେମ୍ବର ମାସରେ କ୍ୟୋଟୋ ରାଜିନାମା ଗ୍ରହଣ କଲା। କ୍ୟୋଟୋ ରାଜିନାମା ଅଙ୍ଗାରକାମ୍ଳ ଏବଂ ଅନ୍ୟ ସବୁଜକୋଠରୀ ବାଷ୍ପର ଉତ୍ସର୍ଜନକୁ କମାଇବା, ତା'ର ସ୍ରୋତକୁ ନିୟନ୍ତ୍ରିତ କରିବା ଦିଗରେ ଜରୁରୀ ଏବଂ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ପ୍ରତି ନିଜର ପ୍ରତିବଦ୍ଧତା ନିର୍ଦ୍ଧାରିତ କରେ।

ନୀରଜ:   ସିଓପି କ'ଣ ଏକାକୀ ସଂସ୍ଥା?

ଅଭିଜିତ: ହଁ ଏକାକୀ, କିନ୍ତୁ ସହାୟତା ପାଇଁ କିଛି ସଂସ୍ଥା ଅଛନ୍ତି। ସମ୍ମିଳନୀରୁ ଦୁଇଟି ସହାୟକ ସଂସ୍ଥା ସୃଷ୍ଟି ହେଲେ, ଗୋଟିଏ ବୈଜ୍ଞାନିକ ଏବଂ କାରିଗରୀ ଉପଦେଶ ପାଇଁ ଏବଂ  ଅନ୍ୟଟି କାର୍ଯ୍ୟକାରୀ କରିବା ପାଇଁ। ଏହି ଦୁଇ ଦଳ ସିଓପିକୁ ପରାମର୍ଶ ଦିଅନ୍ତି। ଏଦି ଦୁଇ ଦଳ ନିୟମିତ ସେମାନଙ୍କର ସମ୍ମିଳନୀ କରନ୍ତି।

ନୀରଜ: ମୁଁ ଭାବୁଛି ଏହି ଜାଗାରେ କିଛି ବ୍ୟାବସାୟିକ ସୁଯୋଗ ଅଛି । ଏହାର ମୁଖ୍ୟ କିଏ?

ଅଭିଜିତ: ମୁଁ ଭାବୁଛି ଆପଣଙ୍କୁ କାର୍ଯ୍ୟକାରୀ ସଚିବଙ୍କୁ ଭେଟିବାକୁ ହେବ। ସଚିବାଳୟ ସଂସ୍ଥାଗତ ରୂପରେ ଜାତିସଂଘ ସହ ଯୋଡ଼ା ଏବଂ ତା ଦ୍ୱାରା ପରିଚାଳିତ। କାର୍ଯ୍ୟକାରୀ ସଚିବ ସିଓପିର ପରାମର୍ଶରେ ଜାତିସଂଘର ମହାସଚିବଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି।

(ଖାଦ୍ୟ ଆସିଛି, ନୀରଜ ଖୁସିରେ କହୁଛନ୍ତି ଯାହା ହେଉ ଶେଷରେ ଖାଇବା ଆସିଲା, ସେ ଏ.ହୋଙ୍କୁ ଧନ୍ୟବାଦ ଦେଉଛନ୍ତି। ସେ ସାଙ୍ଗେ ସାଙ୍ଗେ ଖାଇବା ଆରମ୍ଭ କରିଛନ୍ତି)

ନୀରଜ: ଏହି ଏଆରଲାଇନ୍‌ସ୍ ଖାଦ୍ୟ ପାଇଁ ପ୍ରସିଦ୍ଧ, ତମେ ଜାଣ!

ଅଭିଜିତ: ନୀରଜ ସାର୍, ମୋ କଥା ଟିକିଏ ଅଜବ ଲାଗିପାରେ, ସିଓପି ଦ୍ୱାରା ଗଠିତ ଗୋଟିଏ ସହଯୋଗୀ ଦଳର ନାଁ ହେଉଛି COW।

ନୀରଜ: ଏତେ ଅଜବ କଥା ଶୁଣିବା ପରେ ମତେ ଆଉ କିଛି ଲାଗୁନି।

ଅଭିଜତ: ନା, ସତକଥା। ସିଓପି ନିଜ ଭାଗର କିଛି କାମ କମିଟି ଅଫ୍ ହୋଲ୍

ବା COW କୁ ଦେଇଥାଏ। ଯେଉଁ ପ୍ରତିନିଧିମଣ୍ଡଳ ନିଜର ଅଧ୍ୟକ୍ଷତା କରନ୍ତି, ଏବଂ ସିଓପିକୁ ରିପୋର୍ଟ ଦିଅନ୍ତି ପାଇଁ ଏହା ଖୋଲା।

ନୀରଜ: କିନ୍ତୁ ଅଭିଜିତ, ତମେ କେତେ ମିଟିଂ କର ପଛେ, ଗୋଟିଏ ଦିଗ କାରିଗରୀ ପ୍ରତି ଧ୍ୟାନ ଦେବାକୁ ହେବ। କ୍ଷତିକାରକ ବାଷ୍ପର ଉତ୍ସର୍ଜନ କମ୍ କରିବାକ ହେଲେ ଉତ୍ତମ ମାନର ନୂଆ କାରିଗୀ ଦରକାର।

ଅଭିଜିତ: ମୁଁ ଏକମତ। ଅବଶ୍ୟ ସିଓପି କାରିଗରୀ କୌଶଳ ହସ୍ତାନ୍ତର ଦିଗରେ ଗୋଟିଏ ବିଶେଷଜ୍ଞ ଦଳ ଗଢ଼ିଛି। ଏହାକୁ ୨୦୦୧ ମସିହାରେ ସିଓପି-୭ରେ ମରାକେଶ ଏକାର୍ଡ ଦ୍ୱାରା ଆରମ୍ଭ କରାଯାଇଥିଲା । ଏହାର କାମ ହେଉଛି ସମ୍ମିଳନୀ ମାଧ୍ୟମରେ ପରିବେଶ ଅନୁକୂଳ କାରିଗରୀ କୌଶଳ ହସ୍ତାନ୍ତରଣ ପାଇଁ ବୈଜ୍ଞାନିକ ଏବଂ କାରିଗର ପରାମର୍ଶ ଦେବା। ଏହି ଦଳରେ ୨୦ ଜଣ ବିଶେଷଜ୍ଞ ଅଛନ୍ତି। ଏମାନେ ସବୁ ଆଞ୍ଚଳିକ ଦଳର ପ୍ରତିନିଧି।

ନୀରଜ: ଏ ତ ବହୁତ ମଜାଦାର କଥା।

ଅଭିଜିତ: ହଁ ଏଇ ବୁଝାମଣା ମାଧ୍ୟମରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦଳ ସୃଷ୍ଟି କରାଗଲା। ଏହାକୁ କମ୍ ବିକଶିତ ଦେଶର ବିଶେଷଜ୍ଞ ଦଳ ବା ଏଲଇଜି କୁହାଯାଏ। ଏଲଇଜି ରାଷ୍ଟ୍ରୀୟ ଅନୁକୂଳ କାର୍ଯ୍ୟକ୍ରମ ପ୍ରସ୍ତୁତି ଏବଂ କାର୍ଯ୍ୟକାରିତା ଉପରେ କମ୍ ବିକଶିତ ଦେଶଗୁଡ଼ିକୁ ପରାମର୍ଶ ଦେଇଥାଏ....

(ଏମାନଙ୍କ ପଛରେ ବସିଥିବା ଜଣେ ବ୍ୟକ୍ତି ନିଜ ସିଟ୍‌ରୁ ଉଠୁଛନ୍ତି ଏବଂ ସିଧା ଆସି ଠିଆ ହେଉଛନ୍ତି)

ଜେରାଲ୍ଡ:	ହ୍ୟାଲୋ, ମୋ ନାଁ ଜେରାଲ୍ଡ ଜନସନ୍। ମୁଁ ଆପଣମାନଙ୍କ ଆଲୋଚନା ମନଦେଇ ଶୁଣୁଥିଲି। ପ୍ରକୃତରେ ବହୁତ ଆଗ୍ରହଜନକ। ବାସ୍ତବରେ ମୁଁ କିଛିଦିନ ପାଇଁ ସିଓପି ଅଫିସରେ କାମ କରିଥିଲି।

ନୀରଜ: ଆରେ ବାଃ। ଦୁନିଆ କେତେ ଛୋଟ। ଆମେ ଏକାଠି ଆଲୋଚନା କରିପାରିବା।

ଜେରାଲ୍ଡ:	ମୁଁ ଆଲୋଚନାରେ ଭାଗ ନେଇଥିଲେ ବହୁତ ଖୁସି ହେଇଥାନ୍ତି। କିନ୍ତୁ ଇକୋନମି ଶ୍ରେଣୀରେ ଏତେ ଜାଗା ନ ଥାଏ।

ଅଭିଜିତ: କିନ୍ତୁ କୁହନ୍ତୁ ତ ସାର୍, ମୁଁ କିଛି ଭୁଲ କହିଛି କି?

ଜେରାଲ୍ଡ:	ନା ନା ଆପଣ ପୂରା ଠିକ କହିଛନ୍ତି। ପୂରା ପ୍ରକ୍ରିୟାର ଆପଣ ଗୋଟିଏ ସୁନ୍ଦର ସ୍ୱଷ୍ଟ ଚିତ୍ର ଦେଇଛନ୍ତି।

ନୀରଜ: ତା ମାନେ ଜେରାଲ୍ଡ ଆପଣ କହିବାକୁ ଚାହୁଁଛନ୍ତି ଯେ ମୁଁ ଭଲ ସାଥି ସାଙ୍ଗରେ ଅଛି।

ଜେରାଲ୍ଡ:	(ହସି ହସି) ଏଥିରେ କିଛି ସନ୍ଦେହ ନାହିଁ। ମୁଁ ଚାହୁଁଥିଲି ଅଭିଜିତ ବାବୁ ଆପଣଙ୍କୁ ଏବେ କିଛି ଫଳପ୍ରଦ ସମ୍ମିଳନୀ ବିଷୟରେ କହନ୍ତୁ ବୋଲି।

ଅଭିଜିତ: ଆପଣ କହିବାକୁ ଚାହୁଁଛନ୍ତି ଯେ ଯେମିତି ଜୈବବିବିଧତା ଉପରେ ହେଉଥିବା ସମ୍ମିଳନୀ?

ଜେରାଲ୍ଡ:	ଠିକ। କିମ୍ବା ମରୁଭୂମିକରଣ ବିରୁଦ୍ଧରେ ହେଉଥିବା ଜାତିସଂଘର ସମ୍ମିଳନୀ ବିଷୟରେ।

ନୀରଜ:   ତା ମାନେ ଆପଣମାନଙ୍କ କହିବା କଥା ଯେ ଏସବୁ ପରସ୍ପର ସହ ଯୋଡ଼ା ଆଉ ସବୁ କୁଛି ଜଳବାୟୁ ପରିବର୍ତ୍ତନକୁ ସାମନା କରିବା ପାଇଁ?

ଜେରାଲ୍ଡ:     ନିଶ୍ଚିତ ଭାବରେ! ଏ ସବୁ ହେଉଛି ପୃଥିବୀକୁ ରକ୍ଷା କରିବା ଦିଗରେ ହେଉଥିବା କ୍ରମବର୍ଦ୍ଧିଷ୍ଣୁ ପ୍ରକ୍ରିୟାର ଛୋଟ ଛୋଟ ଅଂଶ ।

ନୀରଜ:   ମତେ ଆଉ କିଛି ଶୁଣିବାକୁ ମିଳିଥାନ୍ତା କି!

ଜେରାଲ୍ଡ:  କିନ୍ତୁ ଆପଣଙ୍କ ପ୍ଲେଟରେ ତ ଆଉ କିଛି ଖାଦ୍ୟ ଅଛି । ଏ.ହୋ ମତେ କିଛି କହିବା ଆଗରୁ ମୁଁ ମୋ ସିଟ୍‌କୁ ଚାଲିଯାଉଛି।

(ଜେରାଲ୍ଡ ଚାଲିଯାଇଛନ୍ତି)

ନୀରଜ:   ବଢ଼ିଆ ଲୋକ ନୁହେଁ?

ଅଭିଜିତ: ହଁ ନିଶ୍ଚିତ ଭାବରେ। ଜୈବବିବିଧତା ଉପରେ ଏବଂ ମରୁଭୂମିକରଣ ବିରୁଦ୍ଧରେ ହେଉଥିବା ସମ୍ମିଳନୀ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହା ସହିତ ଆଉ ଗୋଟିଏ ସମ୍ମିଳନୀ ବି ବହୁତ ଗୁରୁତ୍ୱପୂର୍ଣ୍ଣ। ଏହା ହେଉଛି ଆର୍ଦ୍ରଭୂମି ବା ୱେଟଲାଣ୍ଡ। ଏହା ୧୯୭୧ ମସିହାରେ ଇରାନର ରାମସରଠାରେ ହୋଇଥିବା ସମ୍ମିଳନୀରେ ଗ୍ରହଣ କରାଯାଇଥିଲା।

ନୀରଜ:  ବଢ଼ିଆ ଖାଇବା, ତା ସହିତ ଆହୁରି ବଢ଼ିଆ ଆଲୋଚନା। ଏବେ ମୁଁ ଟିକିଏ ଶୋଇବି ଆଉ ଓହ୍ଲେଇବା ପାଇଁ ପ୍ରସ୍ତୁତ ହେବି।

ଅଭିଜିତ: ନିଶ୍ଚୟ ସାର୍। ମୁଁ ବି ଟିକିଏ ଶୋଇପଡ଼ିବି।

(ଘୋଷଣା: ଶୁଭ ଅପରାହ୍ନ ଯାତ୍ରୀଗଣ । ଆପଣଙ୍କ କ୍ୟାପଟେନ ଆପଣଙ୍କ ସହ କଥା ହେଉଛି। ଏବେ ୩୩୦୦୦ ଫୁଟ ଉପରେ ଆମର ଉଡ଼ାଣ ଚାଲିଛି

ଏବଂ ଘଣ୍ଟାକୁ ୪୦୦ ମାଇଲ ବେଗରେ ଯାଉଛି। ପାଣିପାଗ ଭଲ ଅଛି। ଏଭଳି ପାଗ ଯୋଗୁ ଆଶା କରାଯାଉଛି ଯେ ଆମେ  ନିର୍ଦ୍ଧାରିତ ସମୟର ୧୫ ମିନିଟ ଆଗରୁ ଦୋହାରେ ପହଞ୍ଚିଯିବା। ଆଶାକରୁ ଆପଣଙ୍କ ଯାତ୍ରା ସୁଖମୟ ରହିଛି।